
ISSN: 2456-9194, Vol. III, Issue. II, Sept 2019

ପ୍ରତ୍ୟୟ
(Journal of Odia Language, Culture and Science)
Journal Homepage:http://cphfs.in/research.php



# ଛାଇ ଛାଉଣିର ଘର : ଏକ ବିଶ୍ଳେଷଣାତ୍ମକ ଅଧ୍ୟୟନ

**ପୁଷ୍ପଲତା ବେହେରା**
ଗବେଷିକା, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର
Email: puspa9583@gmail.com
Mobile: 8763721088

***ସଂକ୍ଷିପ୍ତ ସାର:*** *ଜଣେ ଦରଦୀ ଓ ସମ୍ବେଦନଶୀଳ କଥାକାର ଭାବେ ଗିରୀଶ ଚନ୍ଦ୍ର ସାହୁ ସୁପରିଚିତ । ସେ ଅନେକଗୁଡ଼ିଏ ଗଳ୍ପ ପୁସ୍ତକ ରଚନା କରିଥିଲେ ମଧ୍ୟ ତାଙ୍କର ସଦ୍ୟ ପ୍ରକାଶିତ ଗଳ୍ପ ପୁସ୍ତକ 'ଛାଇ ଛାଉଣିର ଘର' ଏକ ନିଆରା ଅନୁଭୂତି ପାଠକମାନଙ୍କୁ ଭେଟିଦିଏ । ଏହି ପୁସ୍ତକ ପାଠ କଲା ପରେ ପାଠକ ନିଜର ପ୍ରତିଛବିକୁ ସେଥିରେ ଖୋଜିପାଏ । ତା' ଜୀବନର ଘଟଣା ଯେପରି ଅଭିଭୂତିକୁ ଆଖି ଆଗରେ ରଖି ଗାଳ୍ପିକ ସାହୁ ଗଳ୍ପ ରଚନା କରନ୍ତି । ସମାଜର ନିଷ୍ଠୁର ବାସ୍ତବ ସତ୍ୟକୁ ସେ କିପରି ତାଙ୍କ ଗଳ୍ପରେ ଉପସ୍ଥାପନ କରିଛନ୍ତି ତାହାକୁ ଏହି ପ୍ରଭାବରେ ଦେଖାଇ ଦିଆଯାଇଛି ।*

***ମୂଳଶବ୍ଦ:*** *ଡ. ଗିରୀଶ ଚନ୍ଦ୍ର ସାହୁ, ଦାନାପାଣି, ଛାଇ ଛାଉଣି, ରିକ୍ସାବାଲା*

୧୯୮୦ ପରବର୍ତ୍ତୀ ସମୟରେ ଓଡ଼ିଆ ଗଳ୍ପ ସାହିତ୍ୟ ଜଗତରେ ଯେଉଁ କେତେଜଣ ମହାନ୍ ପ୍ରତିଭା ନିଜର ଲେଖନୀ ଚାଳନା କରି ଓଡ଼ିଆ ଗଳ୍ପ ସାହିତ୍ୟକୁ ସମୃଦ୍ଧି ପଥରେ ଆଗେଇ ନେଇଛନ୍ତି ସେମାନଙ୍କ ମଧ୍ୟରୁ ଡ. ଗିରୀଶ ଚନ୍ଦ୍ର ସାହୁ ଜଣେ । ଗତ ତିନିଦଶନ୍ଧି ଧରି ସେ ସାହିତ୍ୟ ସାଧନାରେ ନିଜକୁ ନିମଜ୍ଜିତ କରି ରଖିଛନ୍ତି । କେବଳ କଥା ସାହିତ୍ୟରେ ନୁହେଁ, ସଂପାଦନା ସମୀକ୍ଷକ ଦୃଷ୍ଟିରେ 'ଦାନାପାଣି', 'ସୁରେନ୍ଦ୍ର ସାହିତ୍ୟ ସମୀକ୍ଷତା', 'ଗଳ୍ପ ତ୍ରିଶଙ୍କୁ', 'ଅପର୍ଣ୍ଣା ପୂର୍ଣ୍ଣତମା', 'ମହାବନ୍ୟା; ମହାବାତ୍ୟା', 'ମୋ ଜୀବନ ମୋ ସାହିତ୍ୟ' ଓ ରାମଚନ୍ଦ୍ର ବେହେରାଙ୍କ 'କଥା ସାହିତ୍ୟରେ ସ୍ଥାପତ୍ୟ ଓ ବୈଚିତ୍ର୍ୟ' ଗବେଷଣା ଆଦି କ୍ଷେତ୍ରରେ ମଧ୍ୟ ଲେଖନୀଚାଳନା କରିଛନ୍ତି । କଥା ସାହିତ୍ୟର ବଳିଷ୍ଠ ବିଭାବ ଉପନ୍ୟାସ 'ଚିହ୍ନାମାଟି', 'ଅଚିହ୍ନା ମଣିଷ', 'ଅବ୍ୟକ୍ତ ଅଭୀପସା' କ୍ଷେତ୍ରରେ ମଧ୍ୟ ତାଙ୍କର ଅବଦାନ ରହିଛି । କିନ୍ତୁ ବିଶେଷକରି ସେ ଜଣେ ଗାଳ୍ପିକ ଭାବେ ଓଡ଼ିଶାରେ ସୁପ୍ରତିଷ୍ଠିତ । ତାଙ୍କ ଗଳ୍ପ ପୁସ୍ତକ ମଧ୍ୟରେ ରହିଛି 'ରୂପାନ୍ତର', 'ନିଜ ଦର୍ପଣରେ ନିଜେ', 'ନୂଆ ସକାଳ', 'ଆଶାର ପରିଭାଷା', 'ପୃଥକ୍ ପୃଥିବୀ', 'ମିଲୁନୀର ଡାଏରୀ', 'ବୈକୁଣ୍ଠ ସମାନ ଆହା', 'ଛାଇ ଛାଉଣିର ଘର' ଇତ୍ୟାଦି ଗଳ୍ପ । ସେ ତାଙ୍କ ଗଳ୍ପଗୁଡ଼ିକୁ ଏକ ନୂତନ ଦିଶାରେ ଆଗେଇ ନେଇଛନ୍ତି ।

ଏହି ପରିପ୍ରେକ୍ଷୀରେ ଡ. ଗିରୀଶ ଚନ୍ଦ୍ର ସାହୁଙ୍କ ପ୍ରକାଶିତ ଗଳ୍ପ ପୁସ୍ତକ 'ଛାଇ ଛାଉଣିର ଘର' (୨୦୧୭) ମୋର ସମୀକ୍ଷାର ଅନ୍ତର୍ଭୁକ୍ତ ହୋଇଛି । ଏହି ପୁସ୍ତକରେ ସମୁଦାୟ ତେରଗୋଟି ଗଳ୍ପ ସ୍ଥାନିତ ହୋଇଛି । ସମାଜରେ ଘଟୁଥିବା ଅତି ସାଧାରଣ ଘଟଣାକୁ ଗାଳ୍ପିକ ସାହୁ ଚମତ୍କାର ଶୈଳୀରେ ଉପସ୍ଥାପିତ କରିଛନ୍ତି ତାଙ୍କ ଗଳ୍ପଗୁଡ଼ିକରେ । ଏହି ପୁସ୍ତକରେ ରହିଛି ମାଟି ପ୍ରତି ଗଭୀର ମୋହ ଓ ମା' ପ୍ରତି ଅନାବିଳ ସ୍ନେହ । ଗ୍ରାମ୍ୟ ପରିବେଶର ଚିତ୍ର ମଧ୍ୟ ରହିଛି । ଏହା ବ୍ୟତୀତ ମାନବିକତାବୋଧ, ଅତୀତ ଆସ୍ପୃହା, ମନସ୍ତାତ୍ତ୍ୱିକ ବିଶ୍ଳେଷଣ, ପ୍ରେମର ଗଭୀର ଆବେଗ, ଦେହଜ କାମନାର ସଂକେତାତ୍ମକ ଅଭିବ୍ୟକ୍ତି, ସାମାଜିକ ପ୍ରତିବଦ୍ଧତାର ସ୍ୱର ଆଦି ଦିଗକୁ ଗାଳ୍ପିକ ଅତି ସୁନ୍ଦର ଭାବରେ ଫୁଟାଇଛନ୍ତି ଏହି ପୁସ୍ତକରେ । ଗଳ୍ପିକ ସାହୁଙ୍କର ଏହି ପୁସ୍ତକର ଏକ ଆକର୍ଷଣୀୟ ଦିଗ ହେଉଛି ଆତ୍ମକଥନଶୈଳୀ, ଯାହା ପାଠକ ପ୍ରାଣକୁ ଏକ ଅଜଣା ପୁଲକରେ ମୋହିତ କରେ ଏବଂ ପାଠକ ଗଳ୍ପ ଭିତରେ ଅନୁଭବ କରେ ନିଜର ଆତ୍ମସତ୍ତାକୁ । ଏହି ଗଳ୍ପ ପୁସ୍ତକ ସମ୍ପର୍କରେ ଗାଳ୍ପିକ ସାହୁ କହିଛନ୍ତି – "ଛାଇ ପ୍ରତ୍ୟୟ ଓ ବିଶ୍ୱାସ ହେଲେ ଛାଉଣି ହେଉଛି ନିରାପଦ ଆଶ୍ରୟସ୍ଥଳ । ଏ ସଂସାରରେ ଯେତେ ଧନୀ-ମାନୀ, ଗୁଣୀ-ଜ୍ଞାନୀ, ମୂର୍ଖ-ପଣ୍ଡିତ ହୋଇଥାଉ ନା କାହିଁକି ତା'ଛାଇ ପାଖରେ ସେ କେତେ ଛୋଟ ସେ ନିଜେ ହିଁ ଜାଣେ । ତେଣୁ ଆଶା ଓ ବିଶ୍ୱାସର ମୂର୍ତ୍ତିମନ୍ତ ପ୍ରତୀକ ହେଉଛି ମୋର ଏହି ଗଳ୍ପ ପୁସ୍ତକ 'ଛାଇ ଛାଉଣିର ଘର' ।"

ଗାଳ୍ପିକ ସାହୁଙ୍କ ରଚିତ 'ଛାଇ ଛାଉଣିର ଘର' ଗଳ୍ପ ସଂକଳନସ୍ଥ ପ୍ରଥମ ଗଳ୍ପ 'ସମର୍ପଣ' ଏକ ନିଆରା ଅନୁଭବ ପାଠକ ସମାଜକୁ ଭେଟିଦିଏ । ଗଳ୍ପର ନାମକରଣରୁ ଏହା ସ୍ପଷ୍ଟ ବାରିହୋଇପଡେ ଯେ ମଣିଷର ମାନବିକ ମୂଲ୍ୟବୋଧ ହିଁ ସମର୍ପଣ । ଯେଉଁଠାରେ ଭଲ ପାଇବା, ସ୍ନେହ, ଶ୍ରଦ୍ଧା ଓ ଭକ୍ତି

ଥାଏ ଏବଂ ତା'ରି ଭିତରେ ଲୁଚିରହିଥାଏ ଭକ୍ତିଭାବନା ସେହିଠାରେ ହିଁ ସମର୍ପଣଭାବ ଆସିଥାଏ । ଜଣେ ନାରୀର ଭାବ, ଭାବନା ଓ ତା'ର ସମଗ୍ର ଜୀବନର ବ୍ୟକ୍ତିତ୍ୱକୁ ନେଇ ଗଳ୍ପଟିର କଥାବସ୍ତୁ ଗଢ଼ିଉଠିଛି ।

ମଧୁଲିକା ମ୍ୟାଡାମ୍ କଲେଜରେ ଯୋଗ ଦେଲାପରେ ଛାତ୍ରଛାତ୍ରୀଙ୍କ ମାନସିକତାରେ ପରିବର୍ତ୍ତନ ଆସିଛି । ସେ ଥିଲେ ସମାଜ ବିଜ୍ଞାନ ବିଭାଗର ଜଣେ ଅଧ୍ୟାପିକା । ତାଙ୍କ ପାଠପଢ଼ା ଓ ବ୍ୟକ୍ତିତ୍ୱରେ ସମସ୍ତେ ମୁଗ୍ଧ ହୋଇଯାଇଥିଲେ । ପାଠପ୍ରତି ବିଶେଷ ଧ୍ୟାନ ଦେଉନଥିବା ଛାତ୍ର ତନ୍ମୟ ମଧ୍ୟ ପାଠରେ ମନୋନିବେଶ କରିଥିଲା । ଶ୍ରେଣୀ ଗୃହରେ ତନ୍ମୟର ପାଠପଢ଼ା ପ୍ରତି ଏପରି ଆଗ୍ରହ ଦେଖି ମଧୁଲିକା ମ୍ୟାଡମ୍ ବେଶ୍ ଖୁସି ହୋଇଯାଇଥିଲେ । ତନ୍ମୟ ଏବଂ ମ୍ୟାଡାମଙ୍କର ସମ୍ପର୍କ ଦିନକୁ ଦିନ ଦୃଢ ହେବାକୁ ଲାଗିଲା । ପିଲାଟି ଦିନରୁ ମା'କୁ ହରାଇଥିବା ତନ୍ମୟ ଯେପରି ମ୍ୟାଡାମଙ୍କ ଭିତରେ ନିଜ ମା'ର ସତ୍ତାକୁ ଅନୁଭବ କରିପାରୁଥିଲା । ମଧୁଲିକା ମ୍ୟାଡାମ୍ ତାଙ୍କ ସ୍ୱାମୀକୁ ହରାଇଛନ୍ତି ଏବଂ ନିଜ ପୁଅର ରୁକ୍ଷ ବ୍ୟବହାରରେ ସେ କଷ୍ଟ ପାଉଛନ୍ତି ଏକଥା ତନ୍ମୟ ଜାଣିପାରିଲା । ମ୍ୟାଡାମଙ୍କୁ କିଛି କହିବା ପୂର୍ବରୁ ମ୍ୟାଡାମ୍ ତନ୍ମୟକୁ କହିଥିଲେ- "ତନ୍ମୟ ତମେ କ'ଣ ତମ ମା'ଙ୍କୁ ଏମିତି ହତାଦାର କର?"(୧) ଏହାପରେ ତନ୍ମୟ ପିଲାଙ୍କ ଭଳି କାନ୍ଦି ଉଠିଛି ଏବଂ ମ୍ୟାଡାମଙ୍କୁ କହିଛି ଯେ, ସେ ପିଲାଟି ଦିନରୁ ମା'ଛେଉଣ୍ଡ । ଶେଷରେ ତନ୍ମୟ ମ୍ୟାଡାମଙ୍କୁ ମା' ବୋଲି ସମ୍ବୋଧନ କରିଛି । ଏହିଠାରେ ଗଳ୍ପର ପରିସମାପ୍ତି ଘଟିଛି । ଏହି ଗଳ୍ପଟି ବାତ୍ସଲ୍ୟ ରସାପ୍ଲୁତ ଏବଂ କରୁଣ ରସରେ ରସାଣିତ । ନାରୀ ଜୀବନର ଅସହାୟତା ଏହି ଗଳ୍ପରେ ପ୍ରକଟିତ ହୋଇଛି । ପୁରୁଷ ପ୍ରଧାନ ସମାଜରେ ନାରୀ ଯେ ସବୁବେଳେ ଅବହେଳିତ ତାହା ଏହି ଗଳ୍ପରେ ଦେଖାଇ ଦିଆଯାଇଛି । ଜଣେ ଗୁରୁ ଓ ଶିଷ୍ୟର ସମ୍ପର୍କ କେଉଁଭଳି ହେବା ଉଚିତ ତାହା ମଧ୍ୟ କୁହାଯାଇଛି । ଜଣେ ବିଦ୍ୟାର୍ଥୀ ପାଖରେ ସମର୍ପଣଭାବ ରହିବା ଦ୍ୱାରା ସେ କିପରି ଅଗ୍ରସର ହୋଇପାରେ ତା'ର ନମୁନା ମଧ୍ୟ ଏହି ଗଳ୍ପରେ ରହିଛି।

'ସମ୍ପର୍କର ସୂତାଖିଅ' ଏକ ମନସ୍ତାତ୍ତ୍ୱିକ ଗଳ୍ପ ରୂପେ ପ୍ରତୀୟମାନ ହୁଏ । ଜଣେ ଛାତ୍ରୀର ଭାବନାକୁ ନେଇ ଗଳ୍ପଟିର କଥାବସ୍ତୁ ପରିକଳ୍ପିତ । ଛାତ୍ରଟିର ନାମ ଏହି ଗଳ୍ପରେ ଉଲ୍ଲେଖ ହୋଇନାହିଁ । ଛାତ୍ରୀଜଣଙ୍କ ଶ୍ରେଣୀ ଗୃହରେ କାନ୍ଦିଛି । ସାଙ୍ଗସାଥୀମାନେ ତାକୁ ବୁଝାଇବା ପରେ ମଧ୍ୟ ସେ ଅବୁଝା ହୋଇଛି । ଶେଷରେ ରାଗିଯାଇ ସେ ସେଠାରୁ ଘରକୁ ଚାଲିଆସିଛି । କିନ୍ତୁ ଉପସ୍ଥିତ ଥିବା ସାରଙ୍କୁ ନ ଜଣେଇ ସେ ଚାଲିଆସିଛି । ଘରେ ପହଞ୍ଚିସାରି ନିଜକୁ ନିଜେ ପ୍ରଶ୍ନ କରିବାରେ ଲାଗିଛି । ତା'ର ଏପରି ବ୍ୟବହାରରେ ସାର୍ ନିଶ୍ଚୟ କଷ୍ଟ ପାଇଥିବେ ବୋଲି ସେ ଭାବିଛି । ତା'ର ଭାବନାରେ ଫୁଟି ଉଠିଛି ସାର୍ଙ୍କର ପିଲାମାନଙ୍କ ପ୍ରତି ଥିବା ଗଭୀର ଭଲପାଇବା, ତାଗିଦ୍ କରିବାର ଅଭୀପ୍ସା, ସାହାଯ୍ୟକାରୀ ମନୋବୃତ୍ତି ଏବଂ ଶିକ୍ଷା ଦେବା ସହିତ ଶାଠ ଶିଖାଇବାର କୌଶଳର ଚିତ୍ର । ଶେଷରେ ଛାତ୍ରୀଟି ସାରଙ୍କୁ ଫୋନ୍ କରିଛି । ଛାତ୍ରୀ ଏବଂ ସାର୍ଙ୍କର କଥୋପକଥନରେ ଗଳ୍ପର ପରିସମାପ୍ତି ହୋଇଛି । ମଣିଷ ମଣିଷ ମଧ୍ୟରେ ଥିବା ସମ୍ପର୍କ ଠିକ୍ ସୂତାଖିଅ ଭଳି । ଯଦି ସେହି ସୂତାଖିଅ ଥରେ ଅଡୁଆ ହୋଇଗଲା ତେବେ ସମ୍ପର୍କରେ ଫାଟ ପଡ଼ିଯିବା ଅବସମ୍ଭାବୀ । ତେଣୁ ସମ୍ପର୍କର ମୂଲ୍ୟବୋଧକୁ ଗଣ୍ଠି ନପକାଇ ତାକୁ କିପରି ଅକ୍ଷୁଣ୍ଣ ରଖିହେବ ସେ ପ୍ରତି ଯତ୍ନବାନ ହେବା ନିତାନ୍ତ ଆବଶ୍ୟକ, ଯାହା ଏହି ଗଳ୍ପ ଆମକୁ ସୂଚାଇଦିଏ ।

ଏ ଦୁନିଆ ବଡ ବିଚିତ୍ର । ଯିଏ ଟିକେ ଉପରକୁ ଉଠିଯାଏ ତାକୁ ତଳେ ପକେଇ ଦଳି ଚକଡ଼ି ତା'ର ଅସହାୟ ଅବସ୍ଥା ଦେଖିବା ପାଇଁ ମଣିଷ ସବୁବେଳେ ବ୍ୟଗ୍ର ହୋଇଉଠେ । ତଥାପି ଏ ସମାଜରେ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ କି ପରୋପକାରକୁ ନିଜ ଜୀବନର ବ୍ରତରୂପେ ଗ୍ରହଣ କରି ନେଇଥାନ୍ତି । ଅନ୍ୟର ଖୁସି ପାଇଁ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ମଧ୍ୟ ଜଳାଞ୍ଜଳି ଦେବାପାଇଁ ପଶ୍ଚାତପଦ ହୁଅନ୍ତି ନାହିଁ । ଏହିଭଳି ଚିନ୍ତାଧାରାକୁ ନେଇ ସୃଷ୍ଟି ହୋଇଥିବା ଗଳ୍ପ ହେଉଛି 'ପରପୁରୁଷ' ।

ଏକ ଭଡ଼ାଟିଆ ସ୍ତ୍ରୀଲୋକର ଜୀବନ କାହାଣୀକୁ ନେଇ 'ପରପୁରୁଷ' ଗଳ୍ପର କଥାବସ୍ତୁ ଗଢ଼ିଉଠିଛି । ସ୍ତ୍ରୀଲୋକଟିର ନାମୋଲ୍ଲେଖ ହୋଇନାହିଁ । ତାକୁନେଇ ବାରଲୋକ ବାରକଥା କହିଛନ୍ତି । କଥାରେ ଅଛି 'ତିନି ତୁଣ୍ଡରେ ଛେଳି କୁକୁର' । ସେହିଭଳି ସମସ୍ତଙ୍କ ଦ୍ୱାରା କଥାଟି ପ୍ରଘଟ ହୋଇ ସତଭଳି ପ୍ରତୀତ ହୋଇଛି । ତାକୁ ସାହାଯ୍ୟ କରୁଥିବା ଯୁବକଟି ସହିତ ତା'ର ଖରାପ ସମ୍ପର୍କ ଅଛି ବୋଲି ଲୋକମାନେ କୁହାକୁହି ହୋଇଛନ୍ତି । ଶେଷରେ ଘର ମାଲିକ ତାକୁ ଘରୁ ଚାଲିଯିବା ପାଇଁ କହିଛନ୍ତି । ସ୍ତ୍ରୀଲୋକଟି ମଧ୍ୟ ସେଠାରୁ ପଳାୟନ କରିଛି । କିଛିଦିନ ଗଲାପରେ ସେ ପୁଣି ଘର ମାଲିକ ନିକଟକୁ ଆସିଛି ବାକିଥିବା ପଇସା ଦେବାପାଇଁ । ସେଇଠାରେ ସେ ନିଜ ଜୀବନର କରୁଣ କାହାଣୀ କହିଛି । ତା'ର ସ୍ୱାମୀ ଜଣେ ଡ୍ରାଇଭର । ଦିନେ ତା'ର ଦୁଇବନ୍ଧୁଙ୍କୁ ଧରି ସେ ଘରକୁ ଆସିଛି । ସେ ଦୁଇଜଣ ଖରାପ ନଜରରେ ସ୍ତ୍ରୀଲୋକଟିକୁ ଦେଖିଛନ୍ତି । କିଛି ଅଘଟଣ ଘଟିବା ପୂର୍ବରୁ ଯୁବକଟି ଦେବଦୂତ ଭଳି ଆସି ସେଠାରେ ପହଞ୍ଚିଯାଇଛି । ଯୁବକଟି ଆସିବାରୁ ସେମାନେ ଚାଲିଯାଇଛନ୍ତି । ଯୁବକଟି ଏହି ସ୍ତ୍ରୀ ଲୋକଟିର ସ୍ୱାମୀକୁ ଗାଳିଗୁଲଜ କରି ଚାଲିଯାଇଛି । ସ୍ୱାମୀଟିର ସନ୍ଦେହ ଆସିଛି ତା'ସ୍ତ୍ରୀର ଚରିତ୍ର ଉପରେ । ସେ କହିଛି – "ଶଃ, ମୋ ଘରେ ଆସି ମୋତେ ଧମକ ଦେଉଛି । ବଜାତ ମାଇକିନିଆ! ମୁଁ ନଥିଲାବେଳେ ତା'ହେଲେ ଏଇ ଟୋକା ସାଙ୍ଗରେ ତୋର ଦାରୀନାଟ ଚାଲିଥିଲା, ଏ ବୁଢାଠିଁ ଆଉ କାମ କ'ଣ?"(୨) ଏହାପରେ ତା ସ୍ୱାମୀ ଘରୁ ଚାଲିଯାଇଛି ଆଉ ଫେରିନାହିଁ । ଭଲରେ ମନ୍ଦରେ, ବିପଦ-ଆପଦରେ ସବୁ ସମୟରେ ସାହାଯ୍ୟ କରିଛି ଏହି ଯୁବକଟି । କିଛି ବି ସ୍ୱାର୍ଥ ନ ରଖି ସେ ଏହି ସ୍ତ୍ରୀଲୋକକୁ ସହଯୋଗର ହାତ ବଢାଇ ଦେଇଛି । ମାନବିକତା ଦୃଷ୍ଟିରୁ ହିଁ ସେ ଏମିତି କରିଛି । ଦେହ ଭୋଗର ଲାଳସା ମଧ୍ୟ ଯୁବକଟିର ନାହିଁ । କାରଣ ଗଳ୍ପର ଶେଷରେ ଜଣାପଡ଼ିଛି ଯେ ସେ ଯୁବକଟି ନପୁଂସକ ବୋଲି ।

ମଣିଷ ଅନ୍ୟକୁ ପରିହାସ କରିବା ପୂର୍ବରୁ ପ୍ରଥମେ ନିଜକୁ ଚିହ୍ନିବା ଦରକାର, ନ ହେଲେ ଥଟ୍ଟା କରୁଥିବା ବ୍ୟକ୍ତି ପାଖରେ ନିଜେ କିପରି ଅତ୍ୟନ୍ତ ହୀନ ହୋଇଯାଏ ତାହା 'ଛାଇ ଛାଉଣିର ଘର' ଗଳ୍ପରେ ପ୍ରତିପାଦିତ ହୋଇଛି । ସନ୍ଧ୍ୟା ସମୟରେ ସମସ୍ତେ ଖଟିକରନ୍ତି । ଏହି ଖଟି କରିବା ପ୍ରସଙ୍ଗରୁ ଗଳ୍ପର ଆରମ୍ଭ । ପାଞ୍ଚ ଛ'ଜଣ ବନ୍ଧୁ ମିଶି ଗୋଟିଏ ଔଷଧ ଦୋକାନ ଆଗରେ ଆସର ଜମାନ୍ତି । ସେଠାରେ ବିଭିନ୍ନ ବିଷୟରେ ଚର୍ଚ୍ଚା ଚାଲେ । ହଠାତ୍ ନିରାକାର ନାମକ ଜଣେ ବ୍ୟକ୍ତି ଆସି ସେଠାରେ ପହଞ୍ଚିଛି । ତାକୁ ଏତେ ବିଳମ୍ବରେ ଆସିବା ଦେଖି ଅନ୍ୟ ବନ୍ଧୁମାନେ ଥଟ୍ଟା ପରିହାସ କରିଛନ୍ତି ।

ଶେଷରେ ତାକୁ ମାଇଚିଆ ବୋଲି ମଧ୍ୟ ଆକ୍ଷେପ କରିଛନ୍ତି । ପ୍ରସଙ୍ଗକ୍ରମେ ଜଣାପଡ଼ିଛି ଯେ ନିରାକାର ସ୍ତ୍ରୀ ଅନୁରାଧାର ଉଦାରପଣ ଓ ମାନବିକତାବୋଧ । କାରଣ ଗାଁରେ ଥିବା ସ୍ୱାମୀର ସବୁ ସଂପତ୍ତିକୁ ସେ ତାଙ୍କ ଭାଇମାନଙ୍କ ହାତକୁ ଟେକିଦେଇ ଆସିଛନ୍ତି । ଅନୁରାଧା ଅନ୍ୟ ବନ୍ଧୁମାନଙ୍କ ସ୍ତ୍ରୀ ପରି ଏତେ ପାଠୋଇ ନୁହେଁ, କିନ୍ତୁ ସେ ଜଣେ ଭଲ ଗୃହିଣୀ ଏଥିରେ ସନ୍ଦେହ ନାହିଁ । ଏହି କଥା ନିରାକାରଙ୍କଠାରୁ ଶୁଣିବା ପରେ ଆସରରେ ଯୋଗ ଦେଇଥିବା ବନ୍ଧୁମାନେ ଚୁପ୍ ହୋଇଯାଇଥିଲେ ସେଦିନ । ଗାଳ୍ପିକଙ୍କ ଭାଷାରେ –"ଆସର ଥଣ୍ଡା ପଡ଼ିଯାଇଥିଲା । ଅନ୍ୟ ଦିନ ମାନଙ୍କରେ ସିଂହପରି ଗର୍ଜୁଥିବା ବନ୍ଧୁମାନେ ନିଜ ନିଜ ବିବେକ୍ ଦଂଶନର ଜ୍ୱାଳା ସହି ନ ପାରି ଶୃଗାଳ ପାଲଟିଯାଇଥିଲେ । ସେମାନେ ଖଟି ଆସରରୁ ସେଦିନ ମୁକ୍ତି ପାଇବା ପାଇଁ ନାନା ଉପାୟମାନ ଚିନ୍ତା କରୁଥିଲେ ।"(୩) ବାସ୍ତବିକ୍ କାହା ବିଷୟରେ କିଛି ନ ଜାଣି ତା' ଉପରେ ଭୁଲ୍ ମନ୍ତବ୍ୟ ଦେବା ଅନୁଚିତ୍, ତାହା ଏହି ଗଳ୍ପ ଆମକୁ ସୂଚାଇଦିଏ ।

ଜଣେ ଅଧ୍ୟାପକ ଏବଂ ତାଙ୍କର ଜଣେ ଛାତ୍ରୀଙ୍କୁ ନେଇ 'ମୃଗତୃଷ୍ଣା' ଗଳ୍ପର ପୃଷ୍ଠଭୂମି ପରିକଳ୍ପିତ । ଗଳ୍ପର ଆରମ୍ଭରୁ ଲକ୍ଷ୍ୟ କଲେ ଜଣାପଡିବ ଯେ ଅଧ୍ୟାପକ ସମ୍ବିତ୍ ଜଣେ ଷୋଡଶୀ ତରୁଣୀ ପ୍ରେମରେ ଉବୁଟୁବୁ ହେଉଛନ୍ତି । ଯେଉଁଥିପାଇଁ କି ବୟସର ସୀମା ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ତେପନ ବର୍ଷ ବୟସରେ ଯୁବକର ଉନ୍ମାଦନା ତାଙ୍କଠାରେ ଭରି ରହିଥିଲା । କିନ୍ତୁ ଗଳ୍ପର ଶେଷରେ ଦେଖାଗଲା ସମ୍ବିତ୍ ଏବଂ ଛାତ୍ରୀଙ୍କ ମଧ୍ୟରେ ଥିବା ସମ୍ପର୍କ ପବିତ୍ର । କୌଣସି ସ୍ୱାର୍ଥ ନ ରଖି ପରସ୍ପର ପରସ୍ପରକୁ ଭଲପାଆନ୍ତି । ଏହା ଦେହଭୋଗ ପ୍ରେମ ନୁହେଁ, ଜଣେ ଭକ୍ତର ଭଗବାନଙ୍କ ପ୍ରତି ଯେଉଁଭଳି ପ୍ରେମ ଥାଏ ଛାତ୍ରୀଟିର ସମ୍ବିତଙ୍କ ପ୍ରତି ସେହିଭଳି ପ୍ରେମଥିଲା । ଝିଅଟି ସମ୍ବିତଙ୍କ ନିଜର ଅଭିଭାବକ ରୂପେ ମାନିନେଇଥିଲା । ସେ ଭଲ ପାଉଥିବା ପିଲାଟିକୁ ଏବଂ ସେମାନଙ୍କ ସମ୍ପର୍କକୁ ସମ୍ବିତ୍ ସ୍ୱୀକୃତି ଦିଅନ୍ତୁ ବୋଲି ଅନୁରୋଧ କରିଥିଲା । କିନ୍ତୁ ସମ୍ବିତ୍ ଏକ ଅଜଣା ଭୟରେ ଥରିବାକୁ ଲାଗିଲେ । ସେ ରାଗରେ ଥରୁଥିଲେ କି ଅଭିମାନରେ ରାଗୁଥିଲେ ତାହା ଜଣାପଡିନାହିଁ ଏବଂ ଏହିଠାରେ ଗଳ୍ପରେ ପୂର୍ଣ୍ଣଚ୍ଛେଦ ପଡ଼ିଛି ।

'ରିକ୍ସାବାଲା' ଏକ ଭିନ୍ନ ସ୍ୱାଦର ଗଳ୍ପ । ଜଣେ ଗରିବ ରିକ୍ସାବାଲାର ଜୀବନ କାହାଣୀକୁ ନେଇ ଏହି ଗଳ୍ପର କଥାବସ୍ତୁ ଗଢ଼ିଉଠିଛି । ଗରିବ ଲୋକଙ୍କୁ ସମସ୍ତେ କିପରି ଗୋଟିଏ ହୀନ ଦୃଷ୍ଟିରେ ଦେଖନ୍ତି । ଏହି ଗଳ୍ପରେ ସଂଜୟର ପତ୍ନୀ ସୁନୀତା ମଧ୍ୟ ଏଥିରୁ ବାଦ୍ ପଡ଼ିନି । କିନ୍ତୁ ସଂଜୟ ସବୁ ମଣିଷଙ୍କଠାରୁ ବ୍ୟତିକ୍ରମ । ସେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି । ଶିକ୍ଷିତ ମଣିଷ ହେଲେ ମଧ୍ୟ ତାଙ୍କ ଭିତରେ ଛଳନା, ଅହଂକାର ଭରି ରହିଥାଏ ତାହା ସଂଜୟ ବୁଝାଇବାକୁ ଚେଷ୍ଟା କରିଛନ୍ତି ସୁନୀତାକୁ । ଗାଳ୍ପିକଙ୍କ ଭାଷାରେ - "ଉପର ଠାଉରିଆ ଭାବେ ସେମାନେ ଆହାଃ ଆହାଃ ... ଚୁ-ଚୁ ହୁଅନ୍ତି । ଦେଖାହେଲେ ହସନ୍ତି, ଗପନ୍ତି, ତମ ପାଖରେ ବସନ୍ତି । ତାଙ୍କ ବୋରିଂକୁ ଲାଘବ କରିବାପାଇଁ ତମର ମୂଲ୍ୟବାନ ସମୟକୁ ନଷ୍ଟ କରନ୍ତି । ଦରକାରବେଳେ କଇଁଛ ପରି ମୁଣ୍ଡ ଭିତରକୁ ଲୁଚାଇ ଦିଅନ୍ତି । ଧରାଛୁଆଁ ମୋଟେ ଦିଅନ୍ତି ନାହିଁ । ଏ ସଂସାରରେ ଅଧିକାଂଶ ଲୋକମାନଙ୍କର ଚରିତ୍ର ଏଇଆ ।"(୪)

ରିକ୍ସାବାଲା ଆପାରାଓଙ୍କୁ ଭଲ ଚକ୍ଷୁରେ ସୁନୀତା ଦେଖିପାରୁ ନଥିଲା । ରିକ୍ସାବାଲାଟି ମଧ୍ୟ ଶେଷରେ ସହର ଛାଡ଼ି ଅନ୍ୟ ସହରକୁ ଚାଲିଗଲା ନିଜ ସୁବିଧା ପାଇଁ । ଘଟଣାକ୍ରମେ ସୁନୀତାର ପୁଅ ପପୁନ୍ ଘରଛାଡ଼ି ଚାଲିଯାଇଛି ଏବଂ ପହଞ୍ଚିଛି ଆପାରାଓ ପାଖରେ । ପୁଲିସ୍ ଆପାରାଓକୁ ପିଲାଚୋର ଭାବି ଗିରଫ୍ କରିଛି । ଶେଷରେ ପ୍ରମାଣିତ ହୋଇଛି ସେ ନିର୍ଦ୍ଦୋଷ ବୋଲି । ସୁନୀତା ମନ ମଧ୍ୟରେ ଭରି ରହିଥିବା ବୃଥା ଅହଂକାରର ଅବସାନ ଘଟିଛି ।

'ଦାମ୍ପତ୍ୟ' ଗଳ୍ପରେ ଜଣେ ଆଦର୍ଶ ବୋହୂର କର୍ତ୍ତବ୍ୟ କ'ଣ ହେବା ଉଚିତ୍ ତା'ର ନିଖୁଣ ଚିତ୍ର ରହିଛି । କାଦମ୍ବିନୀ ନିଜ ବୋହୂ ଆଗରେ ନିଜ ଜୀବନର ଅତୀତ ସ୍ମୃତିକୁ ରୋମନ୍ଥନ କରିଛନ୍ତି । ଯେତେବେଳେ ସେ ପ୍ରଥମ କରି ଶାଶୂଘରେ ପାଦ ଥାପିଥିଲେ ସେତେବେଳେ ସେ କିପରି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁରୂପେ ସଂପାଦିତ କରୁଥିଲେ ସେ ବିଷୟରେ କହିଛନ୍ତି । ସଦାସର୍ବଦା ତାଙ୍କ ସ୍ୱାମୀ ତାଙ୍କୁ ସାହାଯ୍ୟ କରିଛନ୍ତି ଏଥିନିମନ୍ତେ । ପ୍ରକୃତରେ ଦମ୍ପତି ହେବ ତ ଏମିତି । ଦାମ୍ପତ୍ୟ ଏକ ପବିତ୍ର ଶବ୍ଦ, ବ୍ରାହ୍ମଣର ବେଦଧ୍ୱନି ଭଳି । ନିଃସ୍ୱାର୍ଥପର ଭଲପାଇବା, ସମର୍ପିତ ମନୋଭାବ, ସୁଖ ଦୁଃଖ, ତ୍ୟାଗ, ଯୁଗ୍ମ ଦାୟିତ୍ୱବୋଧ, ଅଭିମାନ, ଅନୁରାଗ ସବୁକୁ ମିଶାଇଦେଲେ ଯେଉଁ ନକ୍ସାଟିଏ ପ୍ରସ୍ତୁତ ହୋଇଯାଏ, ତା'ର ନାଁ ହେଲା ଦାମ୍ପତ୍ୟ । କାଦମ୍ବିନୀ ସବୁକଥା କହିସାରି ଆଶ୍ୱସ୍ତ ଅନୁଭବ କରୁଥିବା ସମୟରେ ହଠାତ୍ ଫୋନ୍ ବାଜିଉଠିଲା । ଫୋନ୍ କଟିବା ପରେ ଦେଖାଗଲା ଯେ କାଦମ୍ବିନୀର ମୁଖକୁ ଯେପରି ଦୁଃଖର କଳାବାଦଲ ଆଚ୍ଛନ୍ନ କରି ରଖିଛି ଏବଂ ଏହିଠାରେ ଗଳ୍ପର ପରିସମାପ୍ତି ଘଟିଛି ।

ଲେଖକ ସଦାସର୍ବଦା ଅନ୍ୱେଷଣରେ ଲାଗିଥାଏ । କେଉଁଠୁ ଭଲ କାହାଣୀଟିଏ ପାଇବ ଆଉ ତାକୁ କଳ୍ପନାର ପୁଟ ଦେଇ ରଚନା କରିବ ସାହିତ୍ୟ । ଜଣେ ଲେଖକର ଜୀବନ କାହାଣୀକୁ ନେଇ 'କାହାଣୀ ଖୋଜୁଥିବା ମଣିଷ' ଗଳ୍ପର କଥାବସ୍ତୁ ପରିକଳ୍ପିତ ହୋଇଛି । ଏହି ଗଳ୍ପର ନାୟକ ହେଉଛନ୍ତିନିଜେ ଗାଳ୍ପିକ । ଦିନେ ସେ ବସରେ ଯାଉଥିବା ସମୟରେ ଜଣେ ବ୍ୟକ୍ତିଙ୍କ ସହିତ ତାଙ୍କର ସାକ୍ଷାତ୍ ହୋଇଛି । ସେ ତାଙ୍କୁ କାହାଣୀଟିଏ ଖୋଜି ଦେବାର ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି । ଲେଖକ ପହଞ୍ଚିଛନ୍ତି ସେହି ଲୋକଟିର ଗ୍ରାମରେ । ବ୍ୟକ୍ତି ଜଣଙ୍କ ଅତିଥି ଚର୍ଚ୍ଚା କରିସାରିବା ପରେ ଲେଖକଙ୍କୁ ଗାଁ ବୁଲାଇ ନେଇଛନ୍ତି । ସେଠାରେ ବିଭିନ୍ନ ବ୍ୟକ୍ତିଙ୍କ କଥା କହିଛନ୍ତି । ଯେଉଁମାନେ କି କେବେ ଗାଁକୁ ଆସନ୍ତି ନାହିଁ । ସହରରେ ରହି ନିଜର ଚାକିରୀ କାର୍ଯ୍ୟରେ ବ୍ୟସ୍ତ ରହନ୍ତି । ପ୍ରସଙ୍ଗକ୍ରମେ ଡି.ଜି. ଅଫିସର, ସାଇଣ୍ଟିଷ୍ଟ କଥା ମଧ୍ୟ କୁହାଯାଇଛି ଯେଉଁମାନେ କି ସେହି ଗାଁର ବ୍ୟକ୍ତି । ଏହିସବୁ ଚରିତ୍ରକୁ ନେଇ ଲେଖକ ଗଳ୍ପ ଲେଖନ୍ତୁ ବୋଲି ବ୍ୟକ୍ତି ତାଙ୍କୁ ଅନୁରୋଧ କରିଥିଲେ । ଲେଖକ ଆସି ପହଞ୍ଚିଯାଇଛନ୍ତି ନିଜ ଘରେ । ମଟର ସାଇକେଲକୁ ଓହ୍ଲାଇବା ମାତ୍ରେ ସେ ଚମକିଉଠିଛନ୍ତି ଗୋଟିଏ ଲମ୍ବା ଛାଇ ଦେଖି । ସେଇ ଛାଇ ଯେମିତି ମୋତେ କହୁଥିଲା, ସକାଳ ପ୍ରହରୁ କୁଆଡେ ଧାଇଁଥିଲ ବାବୁ! ତମେ ତ ନିଜେ ଏଇ ଗାଁର ଅନେକ ଚରିତ୍ରଙ୍କ ଭିତରୁ ଜଣେ । ଜାଣିଛ, ମଣିଷ ସବୁଠୁଁ କାହା ପାଖରେ ବେଶି ଛଳନା କରେ, ନିଜ ପାଖରେ ।"(୫) ଗପ ଲେଖିଲାବେଳେ ନିଜ କଥା ମଧ୍ୟ ସେହି ଗଳ୍ପରେ ଲେଖିବାକୁ ଯେମିତି ଭୁଲି ନ ଯାନ୍ତି ତାହା ତାଙ୍କୁ ଯେପରି କିଏ କହି ଦେଉଥିଲା ଏବଂ ଏହିଠାରେ ଗଳ୍ପରେ ପୂର୍ଣ୍ଣଚ୍ଛେଦ ପଡ଼ିଛି ।

"କ୍ଷମା କଲେ ଝିଅ କ୍ଷମା ତ ମିଳଇ
କ୍ଷମାର ନ ଘଟେ ଅନ୍ତ

କ୍ଷମାର ଗ୍ରହୀତା କ୍ଷମା ଦାତା ଦୁହେଁ
ଏ ଭୁବନେ ଭାଗ୍ୟବନ୍ତ ।"
(ଶର୍ମିଷ୍ଠା, ନନ୍ଦକିଶୋର ବଳ)

'କ୍ଷମା' ଏପରି ଏକ ଶବ୍ଦ ଯାହାର ତୁଳନା ନାହିଁ । କ୍ଷମା କରୁଥିବା ଲୋକ ପ୍ରକୃତରେ ମହାନ୍ । ଜଣେ ବ୍ୟକ୍ତିର ସବୁ ଦୋଷକୁ ଭୁଲିଯାଇ ତାକୁ କ୍ଷମା ଦେବା ଜଣେ ଉତ୍ତମ ବ୍ୟକ୍ତି ପକ୍ଷରେ କେବଳ ସମ୍ଭବ । ଯାହାର ହୃଦୟ ପବିତ୍ର ସେ ହିଁ କ୍ଷମା କରିପାରେ । ଜଣେ ଗରିବ କାମବାଲୀ କିପରି ଜଣେ ଧନୀ ଲୋକର ସବୁ ଭୁଲକୁ କ୍ଷମା କରିଦେଇଛି ତା'ର ଚିତ୍ର ଆମେ 'କ୍ଷମା' ଗଳ୍ପରେ ଦେଖିବାକୁ ପାଇବା ।

ରଙ୍ଗଣୀ ନାମକ ଜଣେ ବିଧବା ତରୁଣୀ ନର୍ମଦାଙ୍କ ଘରେ କାମଧନ୍ଦା କରେ । ହଠାତ୍ ସେ କାମକୁ ନ ଆସି ରହିଯାଏ । ଏଥିପାଇଁ ବ୍ୟତିବ୍ୟସ୍ତ ହୋଇପଡ଼ନ୍ତି ନର୍ମଦା । କାରଣ ନର୍ମଦା ତାଙ୍କୁ ସବୁ ସମୟରେ ସାହାଯ୍ୟ କରିଛନ୍ତି । ବିଧବା ହୋଇ ମଧ୍ୟ ସେ ଗର୍ଭବତୀ ହୋଇଥିଲା । ସେଥିରୁ ସେ କିପରି ମୁକ୍ତି ପାଇବ ତା'ର ସବୁ ବ୍ୟବସ୍ଥା ନର୍ମଦା କରାଇ ଦେଇଥିଲେ । କିନ୍ତୁ ଆଜି ସେ କ'ଣ ପାଇଁ କାମକୁ ଆସିନାହିଁ ଚିନ୍ତାରେ ପଡିଛନ୍ତି ନର୍ମଦା । ଘଟଣାକ୍ରମେ ଜଣାପଡ଼ିଛି ନର୍ମଦା ସ୍ୱାମୀ ରଙ୍ଗଣୀ ପ୍ରତି ଅସଦାଚରଣ କରିଥିଲେ । କିନ୍ତୁ ଏକଥା ନର୍ମଦା ଜାଣିପାରିନାହିଁ । ଶେଷରେ ଅନୁତାପ ଜ୍ୱାଳାରେ ଦଗ୍ଧ ହୋଇ ନର୍ମଦାର ସ୍ୱାମୀ ନିଜର ଭୁଲ ବୁଝିପାରିଛନ୍ତି । କ୍ଷମା ମାଗିବା ପାଇଁ ରଙ୍ଗଣୀଙ୍କ ନିକଟକୁ ଯାଇଛନ୍ତି । ଶେଷରେ ରଙ୍ଗଣୀ ମଧ୍ୟ ତାଙ୍କୁ କ୍ଷମା କରିଦେଇଛନ୍ତି ଏବଂ ଏହିଠାରେ ଗଳ୍ପର ପରିସମାପ୍ତି ଘଟିଛି ।

ଜଣେ ବୃଦ୍ଧର ଜୀବନ କାହାଣୀ ଏବଂ ତାଙ୍କର ଭାବନାକୁରୂପ ଦେଇଛନ୍ତି ଗାଳ୍ପିକ ସାହୁ 'ଜନ୍ଦା' ଗଳ୍ପରେ । ମଣିଷ ସଂସାର ରୂପକ ମାୟାରେ ପଡି ଛଟପଟ ହେଉଛି । ସେଥିରୁ ମୁକ୍ତି ପାଇପାରୁନାହିଁ । କାରଣ ଲୋଭ ହିଁ ମଣିଷକୁ ଏହି ମାୟା ସଂସାର ଭିତରକୁ ଟାଣି ଆଣୁଛି । ଏହାର ସ୍ପଷ୍ଟ ଚିତ୍ର ସୁଧାକର ଚରିତ୍ର ମାଧ୍ୟମରେ ଖୋଇଦିଆଯାଇଛି ।

'ଲେଖକ(୧)' ଓ 'ଲେଖକ(୨)' ଗଳ୍ପ ଦୁଇଟିର ନାୟକ ହେଉଛନ୍ତି ନିଜେ ଗାଳ୍ପିକ ବୋଲି ମନେହୁଏ । 'ଲେଖକ(୧)' ଗଳ୍ପରେ ଗାଳ୍ପିକ କାହାଣୀର ପୃଷ୍ଠଭୂମିର ଅନୁସନ୍ଧାନରେ କାର୍ଯ୍ୟରତ । ଶେଷରେ କାହାଣୀ ମଧ୍ୟ ତାଙ୍କୁ ମିଳିଛି । କିନ୍ତୁ 'ଲେଖକ(୨)' ଗଳ୍ପ ଭିନ୍ନ । ଏଥିରେ ଲେଖକଟିଏ ସଦାସର୍ବଦା ଉଦାରଭାବ, ତା ହୃଦୟରେ ମାନବିକତାପଣ, ସମ୍ବେଦନଶୀଳ ମନୋଭାବ ଭରିରହିଥାଏ ତାହା ଦେଖିବାକୁ ମିଳେ । ଲେଖକଙ୍କୁ ତାଚ୍ଛଲ୍ୟ କରୁଥିବା ଲୋକଟିର ବୃଥା ଅହଂକାର କିପରି ଭାଙ୍ଗିରୁଜି ଚୁରମାର ହୋଇଯାଏ ତାହାର ନମୁନା ଏହି ଗଳ୍ପରେ ରହିଛି । 'ଲେଖକା(୧)' ଗଳ୍ପ ଲେଖକ ଏବଂ ସୋନାଲିକା ମ୍ୟାଡାମଙ୍କୁ ନେଇ ଗଢି ଉଠିଥିବାବେଳେ 'ଲେଖକ (୨)' ଗଳ୍ପଟି ଦୁଇବନ୍ଧୁ ଶ୍ରୀକାନ୍ତ ଓ ଶଶିକାନ୍ତଙ୍କୁ ନେଇ ପରିକଳ୍ପିତ ହୋଇଛି ।

ଲେଖକଟିଏ ସବୁବେଳେ ଏକ କଳ୍ପନା ରାଇଜରେ ବିଚରଣ କରୁଥାଏ । ଖିଆଲି ମନ ନେଇ ଜୀବନ ଜୀଉଁଥାଏ । ସେହି ଖିଆଲି ପଣରୁ ତାକୁ ଉପାଦାନ ମିଳିଥାଏ ସାହିତ୍ୟ ସର୍ଜନା କରିବାପାଇଁ । ବେଳେବେଳେ ନିଜ ପରିବେଶ, ପରିସ୍ଥିତି, ଅସହାୟତା ଏବଂ ନିଜ ଜୀବନର ଅନୁଭୂତିକୁ ଆଙ୍କି ଦେଇଥାଏ ସାହିତ୍ୟରେ । ଅର୍ପଣର ଜୀବନ ଅନୁଭୂତିକୁ ନେଇ 'ଅବ୍ୟକ୍ତ ଇଚ୍ଛାମାନଙ୍କର କଥା' ଗଳ୍ପର କଥାବସ୍ତୁ ପରିକଳ୍ପିତ ।

ଗଳ୍ପ ଆରମ୍ଭରୁ ଦେଖାଯାଏ ଅର୍ପଣ କାହାକୁ ଅପେକ୍ଷା କରିଛି । ଯେଉଁଥିପାଇଁ କି ନିଜ ଘରକୁ ଆସିଥିବା ବନ୍ଧୁ ସୋମନାଥକୁ ମଧ୍ୟ ମିଛ କହି ସେଠାରୁ ବିଦା କରିଦେଇଛି । କ୍ଷୀରବାଲା ଏବଂ ମିସ୍ତ୍ରୀ ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି । ଅସୀମା ଆସିବ ବୋଲି ସେ ନିଜର ଦରପାଚିଲା ଦାଢିକୁ କାଟି ସଫା କରିଦେଇଛନ୍ତି । ସନ୍ଧ୍ୟାହୋଇ ଶେଷରେ ରାତି ହୋଇଛି । କିନ୍ତୁ ଅସୀମା ଆସିନାହିଁ । ପ୍ରସଙ୍ଗକ୍ରମେ ଜଣାପଡିଛି ଯେ ଅସୀମା ହେଉଛି ଅର୍ପଣର ଝିଆରୀ । ଥରେ ସେ ଅର୍ପଣଙ୍କ ଘରକୁ ଆସିଥିଲା । ଅର୍ପଣଙ୍କ ପାଖରେ ଶୋଇପଡି ତାଙ୍କୁ ଜୋର୍‌ରେ ଜାବୁଡି ଧରିଥିଲା । ଅର୍ପଣ ମଧ୍ୟ ଛୋଟ ଶିଶୁଟି ଭଳି ତା' କୋଳରେ ପଶିଯାଇଥିଲେ । ଅର୍ପଣ ଏକଥା ଭାବୁଥିବାବେଳେ ତାଙ୍କୁ ନିଦ ହୋଇଯାଇଛି । ତାଙ୍କୁ ଯେପରି କିଏ କହିଦେଉଛି ଏସବୁ ଘଟଣା କ'ଣ ଲେଖିବା ପାଇଁ ଯଥେଷ୍ଟ ନୁହେଁ? ହଠାତ୍ ତାଙ୍କର ନିଦ ଭାଙ୍ଗିଯାଇଛି ଏବଂ ଗଳ୍ପର ପରିସମାପ୍ତି ଘଟିଛି ।

ବାସ୍ତବରେ 'ଛାଇ ଛାଉଣିର ଘର' ଗଳ୍ପ ପୁସ୍ତକଟି ପାଠକମାନଙ୍କୁ ଏକ ନିଆରା ଅନୁଭବ ଭେଟି ଦେଇଥାଏ । କେତେବେଳେ ପାଠକ ବିସ୍ମିତ ହେଇଯାଏ ତ ଆଉ କେତେବେଳେ କ୍ରୋଧରେ ଜର୍ଜରିତ ହୋଇଯାଏ । କେତେବେଳେ ନିଜକୁ ଗଳ୍ପ ଭିତରେ ଖୋଜିପାଏ ତ ଆଉ କେତେବେଳେ ନିଜର ଆତ୍ମୀୟସ୍ୱଜନଙ୍କୁ । ତେଣୁ 'ଛାଇ ଛାଉଣିର ଘର' ଗଳ୍ପ ପୁସ୍ତକ ନିଶ୍ଚୟ ପାଠକମାନଙ୍କୁ ଏକ ନୂତନ ବାର୍ତ୍ତା ଦେବ ଏହା ମୋର ଆଶା ଓ ବିଶ୍ୱାସ । ଜଣେ ପାଠକ / ଗବେଷିକା ଭାବରେ ମୋର ଉପଲବ୍ଧି ଏହି ସମୀକ୍ଷା ଗ୍ରନ୍ଥରେ ପ୍ରକାଶିତ ହୋଇଛି । ଆଶା କରିବି ଯଦି ମୋର ସମୀକ୍ଷା ପାଠକ, ଗବେଷକ ତଥା ସମାଲୋଚକମାନଙ୍କର ଶୁଭଦୃଷ୍ଟି ଆକର୍ଷଣ କରିବ, ତାହାହିଁ ହେବ ମୋର ସାର୍ଥକତା ।

### ସହାୟକ ଗ୍ରନ୍ଥସୂଚୀ


୧. ସାହୁ, ଗିରୀଶ ଚନ୍ଦ୍ର : ଛାଇ ଛାଉଣିର ଘର, ପ୍ରକାଶକ- ସୁଧାଂଶୁ ପ୍ରଧାନ, ବିଦ୍ୟା ପ୍ରକାଶନ, ବାଲୁବଜାର, କଟକ-୨, ପ୍ରଥମ ସଂସ୍କରଣ, ୨୦୧୭, ISBN – 81-7703-111-2, ପୃ.୧୬

୨. ସାହୁ, ଗିରୀଶ ଚନ୍ଦ୍ର : ଛାଇ ଛାଉଣିର ଘର, ପ୍ରକାଶକ- ସୁଧାଂଶୁ ପ୍ରଧାନ, ବିଦ୍ୟା ପ୍ରକାଶନ, ବାଲୁବଜାର, କଟକ-୨, ପ୍ରଥମ ସଂସ୍କରଣ, ୨୦୧୭, ISBN – 81-7703-111-2, ପୃ.୩୮

୩. ସାହୁ, ଗିରୀଶ ଚନ୍ଦ୍ର : ଛାଇ ଛାଉଣିର ଘର, ପ୍ରକାଶକ- ସୁଧାଂଶୁ ପ୍ରଧାନ, ବିଦ୍ୟା ପ୍ରକାଶନ, ବାଲୁବଜାର, କଟକ-୨, ପ୍ରଥମ ସଂସ୍କରଣ, ୨୦୧୭, ISBN – 81-7703-111-2, ପୃ.୫୪

୪. ସାହୁ, ଗିରୀଶ ଚନ୍ଦ୍ର : ଛାଇ ଛାଉଣିର ଘର, ପ୍ରକାଶକ- ସୁଧାଂଶୁ ପ୍ରଧାନ, ବିଦ୍ୟା ପ୍ରକାଶନ, ବାଲୁବଜାର, କଟକ-୨, ପ୍ରଥମ ସଂସ୍କରଣ, ୨୦୧୭, ISBN – 81-7703-111-2, ପୃ.୭୪

୫. ସାହୁ, ଗିରୀଶ ଚନ୍ଦ୍ର : ଛାଇ ଛାଉଣିର ଘର, ପ୍ରକାଶକ- ସୁଧାଂଶୁ ପ୍ରଧାନ, ବିଦ୍ୟା ପ୍ରକାଶନ, ବାଲୁବଜାର, କଟକ-୨, ପ୍ରଥମ ସଂସ୍କରଣ, ୨୦୧୭, ISBN – 81-7703-111-2, ପୃ.୧୦୮